ଭାରତୀୟ ଅଧ୍ୟାତ୍ମାଙ୍କ ସିଂହାବାଲୋକନରୁ ଏହା ସ୍ପଷ୍ଟ ଯେ ମହେଶ୍ୱର ଶିବ ଚିରକାଳରୁ ଆଦିଗୁରୁ ଏବଂ ଗୁରୁ ପଦରେ ଅବସ୍ଥାପିତ ଅଛନ୍ତି । ଗ୍ରନ୍ଥରେ ଶିବଙ୍କର ଶିଷ୍ୟ-ପ୍ରଶିଷ୍ୟମାନଙ୍କର ନାମ ଉଲ୍ଲେଖ ଅଛି ବୋଲି ପ୍ରମାଣ ମିଳେ, ପ୍ରାଚୀନ କାଳରୁ ଶିବଙ୍କୁ ରୁଦ୍ର, ପଶୁପତି, ଈଶ୍ୱର, ମୃତ୍ୟୁଞ୍ଜୟ, ଦେବାଧୀଦେବ, ମହାକାଳ, ମହେଶ୍ୱର, ଜଗତଗୁରୁ ଇତ୍ୟାଦି ଉପାଧିରେ ବିଭୂଷିତ କରାଯାଇଛି । ତାଙ୍କର ବିଭିନ୍ନ ସ୍ୱରୂପକୁ ଆବହମାନ କାଳରୁ ପୂଜାଅର୍ଚ୍ଚନା କରାଯାଇ ଆସୁଅଛି । ଜହ୍ନମାମୁ ସମସ୍ତଙ୍କର ମାମୁଁ ହେଲାପରି ଶିବ ମଧ୍ୟ ସମସ୍ତଙ୍କର ବାବା ହୋଇଗଲେ । ଦେବତାଙ୍କର ଅଧିପତି, ଅସୁରମାନଙ୍କର ଆରାଧ୍ୟ, ଯୋଗୀଙ୍କର ଯୋଗେଶ୍ୱର, ଅଘୋରୀଙ୍କର ଅଘୋରେଶ୍ୱର, ତାନ୍ତ୍ରିକଙ୍କର ମହାକାଳେଶ୍ୱର, କପାଳିଙ୍କର କପାଳେଶ୍ୱର, ଗୃହସ୍ଥଙ୍କର ଉମା-



ମହେଶ୍ୱର ଏବଂ ଶ୍ମଶ୍ମାନୀଙ୍କର ଶ୍ମଶାନୀ ଶିବ ଏହି ଭଳି ତାଙ୍କର ଅନେକ ବ୍ୟକ୍ତିତ୍ୱ ଲୋକ-ଚେତନା ଉପରେ ଅକ୍ଷୁର୍ଣ୍ଣ ରହିଛି । ଶିବ ସମସ୍ତ ବିସ ଗତିଙ୍କ ଠାରୁ ସଙ୍ଗତୀ ସ୍ଥାପନା ଅଛି । ଯଦି ଆମେ ତାଙ୍କୁ ବିଶ୍ଳେଷଣାତ୍ମକ ଦୃଷ୍ଟି କୋଣୁ ଦେଖିବା ତା ହେଲେ ବିସ୍ମୟ ହେବା ଯେ ସେ ଯେଉଁ ସ୍ୱରୂପରେ ରୁହନ୍ତୁ ନା କାହିଁକି ସମସ୍ତ ସ୍ୱରୁପ ରେ ତାଙ୍କର ପୂର୍ଣ୍ଣତା ଏବଂ ପ୍ରସିଦ୍ଧି ରହିଛି । କିନ୍ତୁ ସଦାଶିବ, ଦକ୍ଷିଣାମୂର୍ତ୍ତି ଏବଂ ପଞ୍ଚାନନଙ୍କ ମହିମାରେ ମଣ୍ଡିତ ତାଙ୍କର ଜ୍ଞାନଦାତା ସ୍ୱରୂପ ଏ ପର୍ଯ୍ୟନ୍ତ ଜନସମାଜରେ ପ୍ରତିଷ୍ଠିତ ହୋଇନାହିଁ । ପରମାତ୍ମାଙ୍କୁ "ଶିବ" ସମ୍ବୋଧନ କରାଯାଇଛି । ସ୍ୱଚ୍ଛାତିସ୍ୱଚ୍ଛ ପରମ ଚୈତନାତ୍ମା ଅଥବା ଆତ୍ମା ଇତ୍ୟାଦି ଶବ୍ଦରେ ବିଭୂଷିତ କରାଯାଇଛି । ନିରାକାର ବା ସାକାର ଶିବଙ୍କର ମହିମା ସବୁ ଉପାଧୀରେ ମହେଶ୍ୱର ପାଦକୁ ହିଁ ଇଙ୍ଗିତ କରିଥାଏ ଏବଂ ଏହା ନିରାଟ ସତ୍ୟ । ମହେଶ୍ୱରଙ୍କୁ ପ୍ରଥମଗୁରୁ



ଏବଂ ଆଦିଗୁରୁ କୁହାଯାଇଛି । ଶିବଙ୍କର ଗୁରୁ ସ୍ୱରୂପ ଗ୍ରନ୍ଥରେ "ବନ୍ଦେ ବିଦ୍ୟାତୀର୍ଥ ମହେଶ୍ୱରମ" ସମ୍ଭବେ ଗୁରୁବେ ନମଃ, ଗୁରୁଣାଂ ଗୁରୁବେ ନମଃ, ତଥା "ତୁମେ ତ୍ରିଭୁବନ ଗୁରୁ ବେଦ ବଖାନା" ଇତ୍ୟାଦି ଧାଡ଼ିରୁ ସେ ଗୁରୁ ବୋଲି ଜଣାଯାଏ । ଶିବଙ୍କର ବିଭିନ୍ନ ସ୍ୱରୂପର ପୂଜା କରାଯାଉଛି କିନ୍ତୁ ତାଙ୍କର ଗୁରୁ ସ୍ୱରୂପ ଯଥାର୍ଥକୁ ପରିବ୍ୟାପ୍ତ କରାଯାଇପାରି ନାହିଁ । ପରମଦାନୀ ଶିବଙ୍କର ଘରେ ଘରେ ପୂଜା କରାଯାଉଛି । ମନସ୍କାମନା ପୂର୍ତ୍ତି ପାଇଁ ଦୁର୍ଗମ-ସୁଗମ ରେ ମନ୍ଦିରଯାତ୍ରା, ସଙ୍କଟ ନିବାରଣ ପାଇଁ ମହା ମୃତ୍ୟୁଞ୍ଜୟ ଜାପ ମହାକାଳ, ମହାଭୈରବ, ମହାରୁଦ୍ର, ଭୂତନାଥଙ୍କର ରୌଦ୍ରରୂପରେ ଅଭ୍ୟର୍ଥନା, ପାର୍ଥୀବ ଶିବଲିଙ୍ଗର ପୂଜା, ଆରାଧନା, ରୁଦ୍ରାଭିଷେକ ଇତ୍ୟାଦିରୁ ସାନ୍ନିଧ୍ୟ ଲାଭ କରିଥିବାରୁ ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ମାତ୍ର ଶିବଙ୍କଠାରୁ ଶିଷ୍ୟରୂପେ



ଜ୍ଞାନ ଅର୍ଜନ କରିଥିବା ଦୃଷ୍ଟାନ୍ତ ଅପେକ୍ଷାକୃତ କମ୍ ରହିଛି । ଅତୀତରେ ଲୋକମାନେ ଶିବଙ୍କୁ ନିଜ ଗୁରୁରୂପେ ପୂଜାକରି ବହୁତ ଖ୍ୟାତି ଅର୍ଜନ କରିଛନ୍ତି କିନ୍ତୁ ଅଜାଣତରେ ହେଉ ଅନ୍ୟମାନଙ୍କୁ ଶିବଗୁରୁଙ୍କର ଶିଷ୍ୟ ହେବାକୁ ପ୍ରେରଣା କରି ନାହାନ୍ତି । ଗୁରୁ ନିଜର ଶିଷ୍ୟମାନଙ୍କର ବ୍ୟକ୍ତିତ୍ୱର ସର୍ବୋତ୍ତମ ଦିଗକୁ ପ୍ରଜ୍ୱଳିତ କରି ପରମଚେତନାରେ ଏକାକାର କରିଥାନ୍ତି ।

ମହେଶ୍ୱର ଶିବଙ୍କୁ ମଧ୍ୟ ନିଜ ଶିଷ୍ୟର ଅବିକଶିତ ଜ୍ଞାନର ସ୍ତରକୁ ନେଇ ତାଙ୍କୁ ପୂର୍ଣ୍ଣଜ୍ଞାନର ସ୍ଥିତିକୁ ପହଞ୍ଚାଇଥାଏ । ଶିବରୂପି ଜ୍ଞାନରୁ ଜନ୍ମିତ ଏକ ସାମାନ୍ୟ ଜୀବ ମଧ୍ୟ ଅନୁକରଣୀୟ ଯୋଗ୍ୟ ହୋଇଥାଏ । ତେଣୁ ସାକାର ଶିବ ପରିବାରରେ ଶିବ ଅଭିଜ୍ଞାନ ଏକ ଅଭିନ୍ନ ଅଙ୍ଗ ହୋଇ ରହିଛି । ସାକାର ଶିବ ପରିବାରରେ ଜନ୍ମିତ ପ୍ରତିକୂଳ ପ୍ରବୃତ୍ତିର, ପଶୁପକ୍ଷୀ ମଧ୍ୟ ପ୍ରେମରେ ରହିଥାନ୍ତି । ବାଘ ଓ ବଳଦ, ସାପ ଓ ମୂଷା, ସାପ ଓ ମୟୁର ପରସ୍ପର ବିରୋଧୀ ତଥାପି ତାଙ୍କ ମଧ୍ୟରେ ପ୍ରେମ

ରହିଛି। ସତରେ ଶିବ ଭାବନା ର ଶିଖରରେ ସମସ୍ତ ସଂକୀର୍ଣ୍ଣତା କ୍ଷର ହୋଇଥାଏ।

ମହେଶ୍ୱରଙ୍କୁ ଶିବରୂପେ ଗ୍ରହଣ କରି ତାଙ୍କ ଶିଷ୍ୟ ହେବାର କାର୍ଯ୍ୟ ୧୯୮୦ ମସିହାରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ପୃଷ୍ଠଭୂମି ସହାନୁଭୂତିର ଏକ ଲମ୍ବା କାହାଣୀ ଅଛି। ନିଜ ସୀମା ଉପଲବ୍ଧ ଗୁରୁ, ତାନ୍ତ୍ରିକ, ବୁଲୁଥିବା ଅଘୋରୀ ବାବା ମାନଙ୍କୁ ଦେଖି ଦେଖି ମନଟା ହତାଶ ହୋଇ ଶିବଙ୍କୁ ଗୁରୁ ମାନିଦେଲି। ଭାବିଲି ଯଦି ଗୁରୁ ସାକ୍ଷାତ୍ ପରମ ବ୍ରହ୍ମଃ ତା'ହେଲେ ପରମ ବ୍ରହ୍ମଃ ସ୍ୱୟଂ ଗୁରୁ ନ ହେବେ କାହିଁକି ? ଯାହା ଜିଭ ଗରମ କ୍ଷୀରରେ ପୋଡ଼ିଥାଏ, ସେ ଦହିପାଣିକୁ ମଧ ଫୁଙ୍କୁଫୁଙ୍କି ପିଏ। ଏହି ଅନୁଭୂତିକୁ ନିରାଶମନ, ପ୍ରତାଡ଼ିତ ମନ ଏବଂ ସଙ୍କୋଚମନ ଶିବଙ୍କୁ ଗୁରୁ ମାନିକରି ତାଙ୍କ ବିଷୟ କିଛି ଜାଣିବା ପାଇଁ ବ୍ୟଗ୍ର ହୋଇ ଉଠିଲା, ସମୟର ମତିରେ ଏମିତି ସବୁ ଘଟଣା



ଘଟିଲା ଯେ, ମନରେ ଯାହା ଆଶଙ୍କା ଥିଲା ସବୁ ଆପେ ଆପେ ଦୂର ହେବାକୁ ଲାଗିଲା ଆଧ୍ମିକ ଖୁସିରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଶଙ୍କିତ ମନକୁ ଖୋଲାମନ ରେ ଶିବଙ୍କୁ ଗୁରୁରୂପେ ଗ୍ରହଣ କରିବାକୁ ପ୍ରଚାର କରିବାପାଇଁ ଦୃଢ଼ ସଂକଳ୍ପ କଲି। ନିଜ ଅନୁଭୂତି ରେ ଶିବଙ୍କୁ ଗୁରୁ ବୋଲି ସ୍ୱିକାର କରିବାର ଭାବ ବର୍ତ୍ତମାନ ଅନେକଙ୍କର ହେବାକୁ ଲାଗିଲା, ଶ୍ରଦ୍ଧା, ବିଶ୍ୱାସ, ସମର୍ପଣର ଅଭାବ ଥିଲେ ମଧ ମହେଶ୍ୱର ଶିବଙ୍କର ଶିଷ୍ୟତ୍ୱ ଅଙ୍କୁରିତ, ପଲ୍ଲବିତ, ପୁଷ୍ପିତ ହୋଇଥାଏ। ତାଙ୍କର ଶିଷ୍ୟତ୍ୱ ଫୁଲର ସୁଗନ୍ଧରେ ଅବିଶ୍ୱାସତା, ଅଶ୍ରଦ୍ଧା, ସଂଶୟ ତଥା ସମସ୍ତ ସଂକୀର୍ଣ୍ଣତାର ବିନାଶ ଘଟିଥାଏ। ବିଶ୍ୱରେ ଶିବଗୁରୁ ସ୍ୱୟଂଗୁରୁ ଅଟନ୍ତି। ଯଦି ସମ୍ପୂର୍ଣ୍ଣ ମାନବ ସୃଷ୍ଟି ତାଙ୍କର ଶିଷ୍ୟ ରୂପେ ନିଜକୁ ସମର୍ପିତ କରନ୍ତି ତେବେ ଶିବଗୁରୁ ମାନବ କଲ୍ୟାଣର ସମସ୍ତ ଉତ୍ତର ଦାୟିତ୍ୱ ବହନ



କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଆଜି ବିକଶିତ ହେଉଥିବା ମାନବୀୟ ଚେତନା ପ୍ରେମପୂର୍ଣ୍ଣ ଚରମ ଉତ୍କର୍ଷ ପରମଚେତନା ଅର୍ଥାତ ଗୁରୁ ଭାବନାରେ ଜଡ଼ିତ ହେବା ଏକମାତ୍ର ବିକଳ୍ପ ପନ୍ଥା ହୋଇ ଗ୍ରହଣ ଯୋଗ୍ୟ ହୋଇଛି।

ଆଜି ନିଜର ଦୁଃଖ ଯନ୍ତ୍ରଣା କିପରି ଆଲୌକିକ ଗୁଣରେ ଦୂର ହୋଇଯିବ, ସେଥି ପାଇଁ ମନୁଷ୍ୟ ଦେବତା ପୂଜା କରିଥାନ୍ତି। ଏହି କାରଣ ଯୋଗୁଁ ଶିବଙ୍କର ଦେବାଧି ଦେବେ, ଦାନୀ ଓ ଆଶୁତୋଷ ସ୍ୱରୂପ ଅତ୍ୟନ୍ତ ଆକର୍ଷଣୀୟ ଏବଂ ସୁଖଦ ଅନୁଭୂତି ପ୍ରଦାନ କରିଥାଏ। ସାଂସାରିକ ସୁଖ ଭିତରେ ଆମେ କେତେ ଦୀର୍ଘ ଜୀବନ ର କାର୍ଯ୍ୟସୂଚୀ ତିଆରି କରିଥାଉ କିନ୍ତୁ ନିଜର ଅନ୍ତ ସମୟ ର ଯାତ୍ରା କୁ ଭୁଲି ଯାଇଥାଉ। ନିଜର ଆତ୍ମୀୟ ସ୍ୱଜନଙ୍କର ଚିନ୍ତାରେ ଆମେ ନିଜ ଯାତ୍ରା କୁ ଭୁଲି ଯାଉ। ସତ କଥା ଏହି ଯେ, ଆମେ ଭୋଗବସ୍ତୁ



ପଛରେ ପଡ଼ି ନ ଥାଉ ବରଂ ନିଜେ ଭୋଜ୍ୟ ବସ୍ତୁ ହୋଇ ରହିଯାଉ। ଆମେ ସୁଖ ର ସମସ୍ତ ଜିନିଷ ଏକତ୍ରିତ କରୁ ଓ ତାକୁ କେମିତି ଯତ୍ନ କରିବୁ ସେଇ ଚିନ୍ତାରେ ନିଜକୁ ହଜାଇ ଦେଉ, ତେଣୁ ଯାହାକୁ ଆମେ ସୁଖ ବୋଲିଭାବୁ ସେହିଁ ଆମ ଦୁଃଖର କାରଣ ହୋଇଥାଏ। ଏପରି କରିବା ଦ୍ୱାରା ମନୁଷ୍ୟ ସ୍ୱାର୍ଥପର ହୋଇ ମାନବୀୟ ଗୁଣକୁ ମଧ ପାଶୋରି ଦିଏ। କିନ୍ତୁ ଶିବଗୁରୁ ପାଖରୁ ପାଇଥିବା ଜ୍ଞାନ ଆମକୁ ବଞ୍ଚିବାର ପ୍ରେରଣା ଯୋଗାଏ। ଶିବଗୁରୁ ଭୋଗ ଏବଂ ମୋକ୍ଷ ହେବାର ବିଭିନ୍ନ ବାଟ ଦେଖାଏ। କୁହାଯାଏ ସଦ୍‌ଗୁରୁଙ୍କ ଶରଣ ପଶିଲେ ସେ ସମସ୍ତ ମୁକ୍ତିର ବାଟ ଖୋଲିଦିଏ। ମହେଶର ଶିବ ତ ସଦ୍‌ଗୁରୁଙ୍କର ଗୁରୁ ଅଟନ୍ତି। ତେଣୁ ତାଙ୍କର ଶିଷ୍ୟ ହେଲେ ଲୌକିକ-ପରଲୌକିକ ମନୋରଧ ଆପେ ଆପେ ପୂରଣ ହୋଇଥାଏ।

କୁହାଯାଏ ଗୁରୁ ନିଜେ ଶିଷ୍ୟଙ୍କୁ ଖୋଜିଥାନ୍ତି, ମାନାତ୍ମା ମୂଳକର୍ତ୍ତା କରମାତ୍ମାଙ୍କର ସ୍ଥିତିକୁ ଅନୁଭବ କରେ

ବୋଲି ଗୁରୁଙ୍କ ଆଶ୍ରୟ ନେଇଥାଏ। ଶିଷ୍ୟର କର୍ମାନୁରାଗୀ ମନ ପାଇଁ ସଦ୍‌ଗୁରୁଙ୍କୁ ଖୋଜିବା ଏବଂ ଆଶ୍ରୟ ପାଇବା ଜରୁରୀ ଅଟେ। ଏମିତି ବି ମହେଶ୍ୱର ଶିବଙ୍କର ସୃଷ୍ଟିଭାବ ଓ ଦୟାଭାବ ପାଇଁ ଜୀବଜଗତ ତିଷ୍ଠିଛି ମାତ୍ର ବ୍ୟକ୍ତି ଓ ଶିଷ୍ୟଙ୍କର କର୍ତ୍ତାଭାବ ଶିବଙ୍କର ସମ୍ପୂର୍ଣ୍ଣ ସ୍ଥିତିକୁ ବୁଝାଏ। "ଅହଂ ବ୍ରହ୍ମ ସ୍ମି" ବା "ଶିବୋହଂ ଶିବଂ କେବଳୋହମ୍" କେବଳ କଥାରେ ରହିଯିବ, ବୋଧ ହୋଇ ପାରିବ ନାହିଁ। ଏହା ଗୁରୁଦୟାରୁ ହିଁ ସମ୍ଭବ ହୋଇପାରିବ।

ଶିବଙ୍କର ନିରାକାର-ସାକାର ସ୍ୱରୂପରେ କିଛି ଭେଦଭାବ କରାଯାଇ ନାହିଁ। ସଦାଶିବ ରୂପରେ ସେ ଇଚ୍ଛା, ଜ୍ଞାନ, କ୍ରିୟା, ଚିତ୍ ଓ ଆନନ୍ଦର ସାଗର ଅଟନ୍ତି। ତେଣୁ ନିରାକାର-ସାକାର ଦୁଇଟା ମାତ୍ର ସ୍ଥିତି ହୋଇଥାଏ। ଶିଷ୍ୟର ସ୍ୱାଧୀନତା ଅଛି ଯେ, ପ୍ରାରମ୍ଭିକ ଅବସ୍ଥାରେ ସେ ଗୁରୁଙ୍କର ନିରାକାର ସ୍ଥିତିକୁ ସ୍ୱୀକାର



କରୁ ବା ସାକାର ସ୍ୱରୂପଙ୍କୁ ଅଙ୍ଗୀକାର କରୁ। କୌଣସି ପରିସ୍ଥିତିରେ ଶିଷ୍ୟପାଇଁ ଶିବଗୁରୁଙ୍କର ସାକାର ସ୍ଥିତି ସ୍ୱୀକାର ନୁହେଁ। ଶିବଙ୍କ ଶିଷ୍ୟ ଶିବଗୁରୁଙ୍କର ଭାବସତ୍ତାକୁ ପ୍ରଣାମ କରେ।

କୁହାଯାଇଛି ଯେ, ହେ ମହେଶ୍ୱର "ତୁମକୁ ଜାଣିବା, ବୁଝିବା ଓ ଚିହ୍ନିବା ମାନବ ସୀମା ବାହାରେ" କିନ୍ତୁ ତୁମେ ଯାହାଥାଅ ତୁମକୁ ବାରମ୍ବାର ପ୍ରଣାମକରୁ। "ତବତ୍ତ୍ୱଂ ନ ଜା ନାମି କି ଦୃଶୋସି ମହେଶ୍ୱରଃ, ଯା ଦୃଶୋଶି ମହାଦେବ, ତାଦୃଶାୟ ନମୋଃ ନମଃ"।

ଶିବଗୁରୁଙ୍କ ଦୟା କାଳକ୍ରମେ ଗୁରୁ ସତ୍ତାର ସ୍ଥିତି ସ୍ପଷ୍ଟ କରେ। ସର୍ବଦା ଗୁରୁ ଶରୀରଧାରୀ ହେବା ଆବଶ୍ୟକ ନୁହେଁ। ଶିବଙ୍କ ଶିଷ୍ୟ ଜାଣନ୍ତି ଯେ ଶିବଗୁରୁ ଦୟାଭାବର ଅକ୍ଷୟ ସ୍ରୋତ ଅଟନ୍ତି ଓ ସୃଷ୍ଟିର କୋଣ ଅନୁକୋଣରେ ତାଙ୍କ ଇଚ୍ଛା ଓ ଦୟାଭାବ ସନ୍ନିହିତ ଅଛି। ଅତଏବ ମାନବର ଅସ୍ତିତ୍ୱରେ ଗୁରୁଭାବର ସ୍ଥିତି



ରହିଛି ଜଣେ ବ୍ୟକ୍ତି ଯେମିତି ଶିବଙ୍କୁ ଶିଷ୍ୟ-ଭାବ ଅର୍ପଣ କରେ। ମାନବୀୟ ଚେତନାରେ ଅବସ୍ଥିତ ତାଙ୍କ ଦୟାଭାବ ସ୍ୱତଃ କାର୍ଯ୍ୟରତ ହୋଇଥାଏ। ବସ୍ତୁତଃ ଶିବଗୁରୁଙ୍କ ଦୟାହିଁ ବାସ୍ତବିକି ଦୀକ୍ଷା ଅଟେ। ଶିବଗରୁଙ୍କର ଶିଷ୍ୟମାନଙ୍କ ପାଇଁ ପାରମ୍ପରିକ ଦୀକ୍ଷାର ଆବଶ୍ୟକତା ନାହିଁ। ଜୀବାତ୍ମାରେ ଜଡ଼ିତ ପ୍ରତ୍ୟେକ୍ଷ ବା ପରୋକ୍ଷ ସ୍ଥିତି ବା ମାଧ୍ୟମ ହିଁ ଶିଷ୍ୟଭାବରେ ପ୍ରତିଷ୍ଠିତ ମନୁଷ୍ୟାତ୍ମାକୁ ଶିବଗୁରୁ ଦୟା ବଶତଃ ଶିବମୁଖୀ କରିବାକୁ ଲାଗେ। ଉଲ୍ଲେଖ ଯୋଗ୍ୟ ଅଛି ଯେ ମାନବ ଶରୀରରେ ଆର୍ବିଭୂତ ସବୁଗୁରୁ ଏବଂ ସଦଗୁରୁରେ ମହେଶ୍ୱର ଶିବଙ୍କ ଦୟାଭାବ ହିଁ ବିଭିନ୍ନ ଆଶାରେ ପ୍ରସ୍ଫୁଟିତ ହୁଏ। ଶିବଗୁରୁ ଦୟାର ଏକମାତ୍ର ଦାତା ଅଟନ୍ତି। ବାକି ସବୁ ସୂନାମଧନ୍ୟ ଗୁରୁ ତଥା ସଦ୍‌ଗୁରୁ ପ୍ରଦାତା ରୂପେ ପୂଜା ପାଆନ୍ତି। କୁହାଯାଏ ଯେ ବାହ୍ୟଗୁରୁଙ୍କୁ ମଧ୍ୟ ଅନ୍ତରଗୁରୁ ହେବାକୁ ପଡ଼େ ବାଣୀ ଶବ୍ଦ ଓ ମୌନ-ବାକ୍ଷ୍ୟା ସୀମା ବାହାରେ ମଧ୍ୟ ଶିଷ୍ୟାତ୍ମାର



ପରମାତ୍ମାର ଭାବ ସୁନିଶ୍ଚିତ କରିବାକୁ ପଡ଼େ ଗୁରୁ ସତ୍ତାର ଶରୀର ସ୍ଥିତି ଗୁରୁ-ଶିଷ୍ୟ ସମ୍ବନ୍ଧରେ ମହତ୍ତ୍ୱ ପୂର୍ଣ୍ଣ ନ ଥାଏ। ଆଜି ମଧ୍ୟ ଗୁରୁ ଏବଂ ସଦ୍‌ଗୁରୁଙ୍କର ଦେହାବସାନ ପରେ ତାଙ୍କର ଶିଷ୍ୟ ପରମ୍ପରା ନିର୍ବିଘ୍ନ ଚାଲିଥାଏ।

ମନୁଷ୍ୟ ସହଜ ପ୍ରେମରେ ପରମାତ୍ମା ଲାଭ କରିଥାଏ। ଏହି ପ୍ରେମ-ଉତ୍ସରୁ ଭକ୍ତି ଆକସ୍ମିକ ଓ ତାନ୍ତ୍ରିକ ଧାରା ପ୍ରବାହିତ ହୋଇଥାଏ। ପ୍ରେମ ମନୁଷ୍ୟର ଜନ୍ମଜାତ ଗୁଣ ଅଟେ। ସେଥିପାଇଁ ପ୍ରେମ ସମ୍ବନ୍ଧ ପରମାତ୍ମାଙ୍କ ପଥରେ ସାରା ବାଧା। ସମ୍ପ୍ରଦାୟ, ଜାତି, ଲିଙ୍ଗର ଭେଦଭାବ ମିଳେନାହିଁ। ଶିବଗୁରୁ ଠାରେ ଶିଷ୍ୟ ସମ୍ବନ୍ଧର ଭାବାବସ୍ଥା ଗୁରୁ ଦୟାରୁ ପ୍ରେମାଭିମୁଖୀ ହୋଇଯାଏ। ଭାବସମ୍ବନ୍ଧ ପ୍ରେମରେ ପରିଣତ ହୋଇଯାଏ । ପ୍ରେମ ଶିବଗୁରୁ ଠାରେ ଶିଷ୍ୟଙ୍କୁ ଏକାକାର କରିଦିଏ। ଜାଣିବା କଥା ଯେ ଶିବଙ୍କ ଶିଷ୍ୟ ହେବା ପାଇଁକେବଳ ସ୍ଥାୟୀ ଶିଷ୍ୟଭାବ ଜନିତ ଅଟେ।

ଗୁରୁ-ଶିଷ୍ୟଙ୍କ ସମ୍ବନ୍ଧ ଭାବଜନିତ ଅଟେ । ଗୁରୁ ଶିଷ୍ୟଙ୍କ ସମ୍ବନ୍ଧ ମଧ୍ଯ ଭାବର ପ୍ରବଳ ଜାଗତିକ ଆକର୍ଷଣ ଯୋଗୁ ଆଲୌକିକ ଉନ୍ମେଷ କାଳ ବିବେଷରେ ଉତ୍ପନ୍ନ ହୁଏ କିନ୍ତୁ ଅନ୍ତଃଚେତନା କୁ ପ୍ରଭାବିତ କରିପାରେ ନାହିଁ । ଶିବଗୁରୁ ପ୍ରତି ଶିଷ୍ୟ ଭାବ ପ୍ରଗାଢ଼ ହୋଇ ବ୍ୟକ୍ତି ସ୍ୱଭାବ ହୋଇଯାଏ । ଏପରି ସ୍ଥିତି ସାମାନ୍ୟ ନୁହେଁ । ଶିବଙ୍କୁ ନିଜର ଗୁରୁ ମାନିକରି ତାଙ୍କର ଶିଷ୍ୟ ହେବାର ଯୋଗ୍ୟତା ପ୍ରାପ୍ତି ଅନୁଭୂତିର ଆଧାରରେ ତିନୋଟି ସୂତ୍ର ଧାର୍ଯ୍ୟ କରାଯାଇଛି । ଏହି ତିନି ସୂତ୍ର ଶିବ ଶିଷ୍ୟ ହେବାରେ ସହାୟକ ତଥା ପରିମାଣଦାୟୀ ହୋଇଥାଏ । ଏହି ତିନି ସୂତ୍ର ନିମ୍ନରେ ଦିଆଗଲା:-

ପ୍ରଥମ ସୂତ୍ର :-

ଶିବଙ୍କ ଶିଷ୍ୟ ହେବାପାଇଁ ଜିଜ୍ଞାସୁ ଥିବା ଏବଂ ଶିବ ଶିଷ୍ୟରେ ସ୍ୱସ୍ଫୂର୍ତ୍ତ ଶିଷ୍ୟଭାବ ଜାଗରଣ ହେତୁ ଆବଶ୍ୟକ ହୋଇଛି । ହେ ଶିବ, ତୁମେ ମୋର ଗୁରୁ ମୁଁ ତମ ଶିଷ୍ୟ, "ତୁମ ଶିଷ୍ୟକୁ ଦୟାକର" ଏହି ମୁକ



ସମ୍ବାଦ ପ୍ରତିଦିନ ସମ୍ପ୍ରସାରଣ କରାଯିବ । ଶିବ ଶିଷ୍ୟତାର ବିଚାର ଏବଂ ଆବୃତ୍ତି ଓ ନିଜ ଗୁରୁ ଶିବଙ୍କ ଠାରୁ ଦୟା ମାଗିବା ଆବଶ୍ୟକତା ଅଛି ।

ପ୍ରଥମଃ ବ୍ୟକ୍ତି ଏହି ସୂଚନା ପ୍ରାପ୍ତ କରେ ଯେ ଶିବ ହିଁ ଗୁରୁ ଅଟନ୍ତି । ଏହି ବିଚାରକୁ ବିଭିନ୍ନ ସୂତ୍ରରୁ ଜାଣିଲାପରେ ଶିବଙ୍କୁ ଗୁରୁ ରୂପେ ମାନିବା ପାଇଁ ମନଃସ୍ଥିତି ଜାଗ୍ରତ ହୁଏ । ଏହାପରେ ସେ ବିଚାର କରି ଶିବଙ୍କୁ ଗୁରୁମାନେ । ଜାଣିରଖିବା ଉଚିତ୍ ଯେ ଶିବଙ୍କୁ ଗୁରୁ ରୂପେ ଭାବଦ୍ୱାରାହିଁ ଗ୍ରହଣ କରିହୁଏ । ତେଣୁ ଶିବଙ୍କୁ ଗୁରୁ ମାନିବା ପରେ ଏହି ବିଚାରର ଆବଶ୍ୟକତା ରହିଛି ଯେ "ଶିବ ହିଁ ମୋର ଗୁରୁ ଓ ମୁଁ ତାଙ୍କ ଶିଷ୍ୟ" ଶିବଶିଷ୍ୟ ହେବାର ବିଚାର ବ୍ୟକ୍ତି ମନରେ ଘନୀଭୂତ ହେବା ଶିବଗୁରୁଙ୍କ ପ୍ରତି ଶିଷ୍ୟ-ଭାବ ଜାଗ୍ରତ କରେ । ଏହି ବିଚାରର ଆବୃତ୍ତି ଶିଷ୍ୟ-ଭାବ ଉତ୍ପନ୍ନ କରେ । ମନୁଷ୍ୟର ସାମର୍ଥ୍ୟ ଏବଂ ଶକ୍ତି ସୀମିତ ଅଛି । ପୁରୁଷାର୍ଥର ମଧ୍ୟ ଗୋଟିଏ ସୀମା ରହିଛି । ସଦ୍‌ଗୁରୁ ନିଜ ଦୟାରୁ



ଶିଷ୍ୟକୁ ନିଜ ଭଳି ତିଆରି କରେ । କୁହାଯାଇଛି ଯେ, "ମୋକ୍ଷ ମୂଳଂ ଗୁରୁକୃପା" ମନେରଖିବା ଉଚିତ୍ ଯେ ଶିବଗୁରୁଙ୍କ ଦୟାହିଁ ଶିଷ୍ୟ ଜୀବନର ମୂଳମନ୍ତ୍ର ଅଟେ ।

ଶିଷ୍ୟ ଭାବ ଜାଗରଣ ପାଇଁ ସର୍ବଦା ମନେରଖିବା ଉଚିତ୍ ଯେ, ଶିବ ମୋର ଗୁରୁ ଓ ଗୁରୁଦୟାରେ ହିଁ ଲୌକିକି ତା'ର ଲୌକିକ ସମସ୍ତ ରହସ୍ୟ ବିଦ୍ୟମାନ ରହିଛି ।

ଦ୍ୱିତୀୟ ସୂତ୍ର:- ଅନ୍ୟମାନଙ୍କ ସହିତ ଶିବଗୁରୁଙ୍କ ଚର୍ଚ୍ଚା ଶିଷ୍ୟ-ଭାବ ଜାଗରଣ ପାଇଁ ଅନୁପମ ବିଦ୍ୟା ଅଟେ । ସର୍ବବିଦିତ ରହିଛି ଯେ କୌଣସି କ୍ଷେତ୍ରରେ ନିଜେ ଚେଷ୍ଟା କରି ସୁଫଳ ପାଇବା ଅପେକ୍ଷାକୃତ କଠିନ କାର୍ଯ୍ୟ ଅଟେ ତେଣୁ ପରମ ସାହାର୍ଯ୍ୟ ନେଇଥାଉ । ପ୍ରଥମସୂତ୍ରରେ ସ୍ୱତଃ ପ୍ରୟାସର ସ୍ୱାଧୀନତା ରହିଛି । ଅନ୍ୟମାନଙ୍କ ସହିତ ଶିବଗୁରୁ ଚର୍ଚ୍ଚା ଶିବଙ୍କର ଏକ ପ୍ରତିମୂର୍ତ୍ତୀ ତିଆରି କରେ । ଗୁରୁଚର୍ଚ୍ଚା ପରିଚର୍ଚ୍ଚାରେ



ପରିଣତ ହୋଇଯାଏ । ସମସ୍ତ ବକ୍ତା ଏବଂ ସ୍ରୋତା ହୋଇଯାନ୍ତି । ଏହା ଶିବ ଶିଷ୍ୟତା ବିଚାର ବା ଭାବକୁ ପ୍ରଗାଢ଼ କରେ । ଶିବଙ୍କ ଶିଷ୍ୟତାର ବୁଦ୍ଧି ବିଚାରକୁ ବୋଧରେ ରୂପାନ୍ତରିତ ହେବାକୁ ଲାଗେ । ତେଣୁ ଶିବଗୁରୁ ବିଚାର ଭାବରେ ପୃଥିବୀ ଉପରେ ଅବସ୍ଥାପିତ ହେବାକୁ ଲାଗେ । ବ୍ୟକ୍ତିର ମନ ଯାହାକି ନିଜ ଜଗତ ଓ ସଂସାରରେ ଚାଲିଥାଏ । ଅନ୍ୟମାନଙ୍କ ସହିତ ଶିବଚର୍ଚ୍ଚା ଦ୍ୱାରା ଶିବଗୁରୁ ଆଡ଼େ ଯିବାକୁ ଲାଲୋ ମହେଶ୍ୱର ଶିବ ସ୍ୱୟଂ ଗୁରୁ ଅଟନ୍ତି । ଏହାର ସିଦ୍ଧାନ୍ତ ଏବଂ ବ୍ୟବହାରିକ ଦିଗକୁ ବୁଝିବା ପ୍ରକ୍ରିୟା ବ୍ୟକ୍ତିର ମନକୁ ମୁଗମତା ଏବଂ ସ୍ୱୟଂ ମଧ୍ଯ ଏହା ବୁଝିବାକୁ ଲାଗେ ଯେ ଶିବ ହିଁ ଗୁରୁ ଅଟନ୍ତି । ଶିବଙ୍କର ଗୁରୁ ହେବାଟା ବୁଝିବା ବା ବୋଧଗମ୍ୟ ଜ୍ଞାନ ମନରେ ସ୍ୱତଃ ଶିଷ୍ୟଭାବ ଜାଗ୍ରତ କରେ ।

ଅନ୍ୟମାନଙ୍କ ସହିତ ଶିବଗୁରୁ ଚର୍ଚ୍ଚା ଶିବ

ଶିଷ୍ୟତାର ବିଚାର ଅବୃତ୍ତିକୁ ସୁଗମ ଓ ସହଜ କରେ। ଆଜିର ବ୍ୟକ୍ତି ଅନ୍ୟକୁ ବୁଝିବାରେ ସୁଖାନୁଭୂତି ପାଏ। ତେଣୁ ବ୍ୟକ୍ତି ପାଇଁ ଶିବଚର୍ଚ୍ଚା ସୁଗମ ଏବଂ ଅତ୍ୟନ୍ତ ପରିଣାମଦାୟୀ ଅଟେ। ଶିବଙ୍କ ଶିଷ୍ୟ ଏହି କାରଣ ହେତୁ ଅନ୍ୟମାନଙ୍କ ସହିତ ଶିବଚର୍ଚ୍ଚା କରନ୍ତି ଏବଂ କହନ୍ତି ଯେ ମୁଁ ଅନୁଭବ କରିଛି ଯେ, ଶିଷ୍ୟର ମନରେ ନିଶ୍ଚିତ ରୂପେ ଗୁରୁଦୟା ପ୍ରାପ୍ତ ପାଇଁ ଏହା ହିଁ ସରଳ ଏବଂ ସୁଗମ ସାଧନ ତଥା ଗୁରୁ ଆଦେଶ କର୍ମ ମଧ୍ୟ।

ତୃତୀୟ ସୂତ୍ର :- ଶିଷ୍ୟର ଭାବାନ୍ତରଣ ପାଇଁ ନିଜ ଗୁରୁ ଶିବଙ୍କୁ ପ୍ରଣାମ ନିବେଦନର ଚେଷ୍ଟାର ଆବଶ୍ୟକତା ରହିଛି।

ଶିବ ସାଧନା ଏବଂ ଉପାସନାର ଅନେକ ବିଧିରୁ ଶିବ ପଞ୍ଚାକ୍ଷର ମନ୍ତ୍ର "ନମଃ ଶିବାୟ" ଜପ ଚିର କାଳରୁ ସମସ୍ତେ ଜପ କରନ୍ତି। ମନ୍ତ୍ର ଉଚ୍ଚାରଣ ମାଳ ବା ଅଜପା-ଜପ ମାଧ୍ୟମରେ କରାଯାଇଥାଏ। ମନ୍ତ୍ର ଜପର ଅଜପା-ଜପ ବିଧିରେ "ନମଃ ଶିବାୟ" ଶିବଙ୍କ ପ୍ରତିକ୍ଷଣ ପ୍ରଣାମ



ଅର୍ପଣ କରିବାରେ ବିଧି ଅଟେ। ଭାବଜନିତ ପ୍ରଣାମ ଶିବଙ୍କୁ ଗ୍ରହଣୀୟ ଅଟେ। ମନ୍ତ୍ର ବିଜ୍ଞାନରେ ଆମେ ବିଚାର କରୁ ଯେ ମନ୍ତ୍ର ଜପ ଭାବର ସ୍ଥିତିର ହିଁ ଫଳପ୍ରଦ ହୋଇଥାଏ। ଶବ୍ଦର ସମୁହ ଅଥବା ଅକ୍ଷର ସମୁହ ମନ୍ତ୍ରର ବାହ୍ୟରୂପ ଅଟେ କିନ୍ତୁ ପ୍ରତ୍ୟେକ ମନ୍ତ୍ର କୌଣସି ଦେବତା ଅଥବା ଅଶରୀରୀ ଭାବର ସତ୍ତାର ସ୍ଥିତି ହୋଇଥାଏ। ମନ୍ତ୍ର ଜପ ଭାବ ଅନ୍ତର୍ଗତ ଗ୍ରହଣ ହେବା ପରେ ପରିମାଣ ଦାୟୀ ହୋଇଥାଏ। ଶିବଙ୍କ ଶିଷ୍ୟ ନିଜ ଗୁରୁଙ୍କୁ ପ୍ରଣାମ କରିବା ପାଇଁ "ନମଃ ଶିବାୟ"ର ଆଶ୍ରୟ ନେଇଥାନ୍ତି। ଅଜପା-ଜପରେ ନିଶ୍ୱାସ ପ୍ରଶ୍ୱାସର ସାମାନ୍ୟ ଗତିରେ ମନ୍ତ୍ର ଜପ ଗୁରୁକୃପାରେ ସହଜରେ ଜପ କରାଯାଇଥାଏ।

ଶିବଗୁରୁ ପ୍ରଣାମ ହେତୁ ରୁଦ୍ରାକ୍ଷ ଅଥବା ଅଙ୍ଗୁଳିରେ ଶିବ ପଞ୍ଚାକ୍ଷର ଜପ ପ୍ରକ୍ରିୟା ମଧ୍ୟ କରାଯାଇ ପାରେ। ମାଳା ଜପରେ ଗଣନା ପାଇଁ ଶହେ ଆଠ ସଂଖ୍ୟା



ନିର୍ଦ୍ଧାରିତ ହୋଇଛି। ଶହେଆଠ ସଂଖ୍ୟା ନିର୍ଦ୍ଧାରଣ କାଳ ଏବଂ ସ୍ଥାନର ଗଣନାର ଗୁଣଫଳ ଅଟେ। କାଳର ଗଣନା ସତେଇଶି ନକ୍ଷତ୍ରରୁ କରାଯାଇଛି। ଗୋଟିଏ ସୂର୍ଯ୍ୟ ଏହି ନକ୍ଷତ୍ରରେ ସଞ୍ଚରଣ କରନ୍ତି ଏବଂ ଚାରିଦିଗରେ କାଳର ସୃଷ୍ଟି ଏବଂ ସ୍ଥିତି ଓ ବିକାଶର କ୍ରମ ସମ୍ପନ୍ନ ହୋଇଥାଏ। ସତେଇଶି ନକ୍ଷେତ୍ର ଏବଂ ଚାରିଦିଗ ନୃତରତ କାଳ ଗୁଣାତ୍ମକ ପ୍ରବୃତ୍ତିର। ତେଣୁ ସତେଇଶି ନକ୍ଷତ୍ର ଏବଂ ଚାରିଦିଗର ଗୁଣାତ୍ମକ ଯୋଗୁ ଶହେ ଆଠ, ମନ୍ତ୍ରଜପ ସଂଖ୍ୟା ନିର୍ଦ୍ଧାରିତ ହୋଇଛି, ସ୍ୱତନ୍ତ୍ର ଦିଗ ଚାରିଟି ଅଛି। କୌଣିକ ଦିଗ ସ୍ୱତନ୍ତ୍ର ଦିଗ ନୁହେଁ। ମନେରଖିବା ଯେ "ନମଃ ଶିବାୟ"ର ଜପ ଦିନ ରାତିରେ କେବଳ ଶହେ ଆଠ ଥର ବା ଗୋଟିଏ ମାଳ ଜପ କରାଯିବ। ମାନସିକ ଜପ ଏହି ପ୍ରକ୍ରିୟାରେ ନିଜଗୁରୁ ଶିବଙ୍କ ମନ୍ତ୍ରଭାବ-ପ୍ରଣାମ ମନଙ୍କୁ ହେବା ଆବଶ୍ୟକ। ଏହି ପ୍ରଣାମ ଶିଷ୍ୟ ଭାବର ସ୍ମରଣ ତଥା



ନିଜ କଷ୍ଟକୁ ଦୂର କରିବା ପାଇଁ ଉଦ୍ୟମ ଅଟେ।

ପ୍ରଣାମ ପ୍ରକ୍ରିୟାଟି ଭାବ ପ୍ରଦେଶର ସ୍ଥିତି ଗୁରୁଦୟାରୁ ଲାଭ ହୋଇଥାଏ। ତା ସାଙ୍ଗକୁ ଶିଷ୍ୟ ଗୁରୁଦୟାରୁ ନିଜ କର୍ମ ବନ୍ଧନରୁ ମୁକ୍ତ ପାଇଥାଏ।

ଏହି ତିନି ସୂତ୍ରରୁ ଦ୍ୱିତୀୟ ସୂତ୍ର ଜନସାମାନ୍ୟ ପାଇଁ ଅନୁକୂଳ। ଆଜି ମଣିଷ ନିଜ ଭିତରେ ହିଁ ସୀମିତ ହୋଇ ରହିବାକୁ ଭଲପାଏ। ଅନ୍ୟମାନଙ୍କ ସହିତ ଶିବଗୁରୁ ଚର୍ଚ୍ଚାର ବାର୍ତ୍ତା ବିଧିରେ ଶିଷ୍ୟ-ଭାବ ଜାଗରଣର ଅଦଭୂତ ବିଦ୍ୟା ଅଟେ। ବିଶ୍ୱରେ ଆଧ୍ୟାତ୍ମର ପ୍ରାର୍ଦ୍ଦୁଭାବ ଏବଂ ମାନବ ସୃଷ୍ଟିର ଅଭ୍ୟୁଦୟ ପାଇଁ ଜଗଦଗୁରୁ ମହେଶ୍ୱର ଶିବ ପ୍ରତ୍ୟେକ ମାନବ ପାଇଁ ସ୍ୱରୂପ ଉପଲବ୍ଧି ଅପରିହାର୍ଯ୍ୟ ବିକଳ୍ପ ଅଟେ। ଏପରି ସ୍ଥିତିରେ ଜନ ସାମାଜ୍ୟ ଶିବଗୁରୁଙ୍କୁ ନିଜର ମାମର୍ଥ୍ୟ ଅନୁସାରେ ଶିଷ୍ୟଭାବ ଜାଗରଣ କରାଇ ପାରିଲେ ବ୍ୟକ୍ତିଙ୍କର ଗୁରୁ ହେବେ। ତେଣୁ ଶିବଗୁରୁ ଚର୍ଚ୍ଚା ବିଧିର ବିଧାନ ଅଟେ।

ମହେଶ୍ୱର ଶିବ ଯଥାର୍ଥରେ ଜନ ସମାଜରେ ଗୁରୁ ହେବା ପାଇଁ ଜଗଦ୍‌ଗୁରୁ ଏବଂ ମହାଗୁରୁ ପଦ ପାଇଁ ସାର୍ଥକ ଅଟନ୍ତି । ମୁଁ ଅନୁଭବ କରିଛି ଯେ ଅନ୍ୟମାନଙ୍କ ସହିତ ଶିବଗୁରୁ ଚର୍ଚ୍ଚା ବିଧିର ବିଧାନ ଅଟେ । ମହେଶ୍ୱର ଶିବ ଯଥାର୍ଥରେ ଜନ ସମାଜରେ ଗୁରୁ ହେବା ପାଇଁ ଜଗଦ୍‌ଗୁରୁ ଏବଂ ମହାଗୁରୁ ପଦ ପାଇଁ ସାର୍ଥକ ଅଟନ୍ତି । ମୁଁ ଅନୁଭବ କରିଛି ଯେ, ଅନ୍ୟମାନଙ୍କ ସହିତ ଶିବଗୁରୁ ଚର୍ଚ୍ଚା ଶିବଗୁରୁଙ୍କର ନିର୍ଦ୍ଦେଶ କର୍ମ ଏହି ବିଦ୍ୟାମାନବ ପାଇଁ ଗ୍ରହଣୀୟ ଅଟେ । ମନେ ରଖିବା ଯେ, ଶିବଙ୍କ ଶିଷ୍ୟ ଶସ୍ତ୍ର ଚର୍ଚ୍ଚା କରନ୍ତି ନାହିଁ । ଶିବଗୁରୁଙ୍କ ଚର୍ଚ୍ଚାରୁ ସଂଜାତ ଏବଂ ପ୍ରଗାଢ଼ ଶିଷ୍ୟଭାବ ଜାଗ୍ରତ ହୋଇଥିଲେ ହିଁ ଯଥେଷ୍ଟ । ଶିବଗୁରୁ ଚର୍ଚ୍ଚା କେବଳ ବର୍ତ୍ତାଳାପ ନୁହେଁ । ଏହା ଏକ ପରିଣାତ୍ମକ, ଅନ୍ତହୀନ ଓ ଅବିରଳ ଆତ୍ମାନୁଭୂତି ଅଟେ ।

ଶିବ ଶିଷ୍ୟ ସୁବିଧା ଅନୁସାରେ ହାତର ବନ୍ଧରେ ବାର ରୁଦାକ୍ଷର ଚୂଡ଼ି ପିନ୍ଧିପାରିବେ । ଏହା ବାର ସଂଖ୍ୟା



ବାରସୂର୍ଯ୍ୟ, ବାର ଜ୍ୟୋତିଲିଙ୍ଗ ତଥା ବାର ରାଶିର ଫଳ ଅଟେ । ହାତରେ ରୁଦ୍ରାକ୍ଷ ଚୂଡ଼ି ଦେଖିଲେ ଅନ୍ୟମାନଙ୍କୁ ମନରେ କୌତୁହଳ ଜାତ ହୁଏ ଓ ଶିବଗୁରୁଙ୍କ ବିଷୟରେ ଜାଣିବାର ଇଛା ପ୍ରକାଶ କରେ । ଏହି ପରି ଶିବଗୁରୁଙ୍କ ଚର୍ଚ୍ଚା ବଢ଼ି ବଢ଼ି ଚାଲେ । ଏହି ଜଗତରେ ଦୁଃଖ ହିଁ ଗୁରୁଭାବରେ ବାନ୍ଧି ହେବାକୁ ବାଧ୍ୟ ହୋଇଥାଏ । ପ୍ରତିଦିନ ବାରମ୍ବାର ଗୁରୁ-ଚର୍ଚ୍ଚା ଶିବ-ଭାବର ଏକ ନିଖୁଣ ଉଦାହରଣ । ରୁଦ୍ରାକ୍ଷ ମାନସିକ ଆଧ୍ୟାତ୍ମିକର ସୂକ୍ଷ୍ମ ତରଙ୍ଗର ବାହକ କୁହାଯାଏ । ହାତରେ ବାନ୍ଧିଥିବା ରୁଦ୍ରାକ୍ଷ ଚୂଡ଼ି ଶିବଗୁରୁ ଚର୍ଚ୍ଚାର ସହାୟକ କିନ୍ତୁ ଶିବ ଶିଷ୍ୟତାର ପ୍ରମାଣ ନୁହେଁ । ଏହାକୁ ବାଧ୍ୟ ବାଧ୍ୟକରେ ପିନ୍ଧିବାର ନୁହେଁ ।

ଶିବଙ୍କ ଶିଷ୍ୟ କୌଣସି ବ୍ୟକ୍ତି ଦ୍ୱାରା ଶିବଙ୍କୁ ନିଜଗୁରୁ ମାନିବାର ଇଚ୍ଛା ମହାକାଶକୁ ଦିଅନ୍ତି । ଶିବଶିଷ୍ୟ ହେବାର ମନୋଦଶା ଏହି ସମ୍ବାଦ ଦେବେ ଯେ,



"ଜାଗ-ଜାଗ ମହାଦେବ" ଏହା ମହାକାଶକୁ ପ୍ରେରିତ ହେଉ । ଏହି ପ୍ରେରଣ ବାୟୁମଣ୍ଡଳରେ ଧ୍ୱନୀକୁ ସଂପ୍ରସାରଣ ପ୍ରତ୍ୟେକ୍ଷ ବା ପରୋକ୍ଷ ଜୀବାତ୍ମାକୁ କହିବାକୁ ବିଜ୍ଞାନ ଉପରେ ପ୍ରତିଷ୍ଠିତ "ଜାଗ-ଜାଗ ମହାଦେବ"ର ଏ ଅର୍ଥ ନୁହେଁ ଯେ ତାକୁ ଦୟାନିଧାନ ପରମଚୈତନାତ୍ମାଙ୍କର ସୁସୁପ୍ତାବସ୍ଥା ହେବା ମହାଗୁରୁ ମହାଦେଙ୍କ ଜାଗୃତ ଏବଂ ସଜାଗ ସ୍ଥିତି ତାଙ୍କ ଶିଷ୍ୟ ମାନଙ୍କଠାରେ ପ୍ରକଟିତ ହୋଇ ଶିବଭାବକୁ ବୋଧଗମ୍ୟ ହୁଏ ଶିବ ଶିଷ୍ୟତା ମହାକାଶରେ ଘୋଷଣା କରାଯାଇଥିବା ବ୍ୟକ୍ତି ଶିବଙ୍କ ଶିଷ୍ୟ ହୋଇନପାରେ । ଏହା ଏକ ସହାୟକ କ୍ରିୟା ରୂପେ ପ୍ରଚଳିତ ହୋଇପାରେ ।

ଶିବଶିଷ୍ୟ କୁହନ୍ତି ଯେ ପରମ୍ପରାଗତ ଶିବପୂଜା ଏବଂ ଯଜ୍ଞଠାରୁ ଶିବଗୁରୁ ସହିତ ଜଡ଼ିତ ହେବା ଭିନ୍ନ ଅଟେ । ଶିବଙ୍କ ଶିଷ୍ୟ ହେବାରେ ଖାଇବା-ପିଇବାରେ



କୌଣସି କଟକଣା ନାହିଁ । ଭୋଜନଟି କିନ୍ତୁ ଚିକିତ୍ସା ବିଜ୍ଞାନ ସମ୍ମତ ହେବା ବାଞ୍ଛନୀୟ । ଶିବଙ୍କ ଶିଷ୍ୟ କେବଳ ତିନିଟି ସୂତ୍ରକୁହିଁ ମାନିଥାନ୍ତି । ଗୁରୁଠାରୁ ଜ୍ଞାନ ପାଇଲା ପରେ ହିଁ ଯେ କୌଣସି ପୂଜାର ଫଳ ପ୍ରାପ୍ତି ହୋଇଥାଏ । ତେଣୁ ପ୍ରଥମତଃ ଶିଷ୍ୟତ୍ୱ ଗ୍ରହଣହି ପରଲୋକର ପ୍ରଥମ ସୋପାନ, ସାଧନ, ଆରାଧନା, ଉପାସନା, ଏଗୁଡ଼ିକ ଗୁରୁ ଦୟାରୁ ହିଁ ପ୍ରାପ୍ତି ହୁଏ । ଶିବ ଶିଷ୍ୟକୁ ଏହି ଜଗତରେ ପ୍ରତ୍ୟେକ ମଣିଷକୁ ଶିବଗୁରୁର ଯଥାର୍ଥତା ବୁଝାଇବାକୁ ପଡ଼ିବ । ସବୁଧର୍ମ, ସମ୍ପ୍ରଦାୟ ଜାତି, ଲିଙ୍ଗ, ବର୍ଣ୍ଣ ଏବଂ ବର୍ଗର ଲୋକ ମହେଶ୍ୱର ଶିବଙ୍କୁ ନିଜର ଶିଷ୍ୟ ଭାବ ଅର୍ପଣ କରିବାକୁ ଆଗେଇ ଆସିବା କଥା, ଶିବଙ୍କୁ ଗୁରୁ ସ୍ୱରୂପ ପ୍ରତ୍ୟେକ ମନୁଷ୍ୟ ଗ୍ରହଣ କଲେ ବିଶ୍ୱବାଟିକାରେ ଆଧ୍ୟାତ୍ମା ଅବତାରିତ ହୋଇ ସହୃଦୟତା ସମାନତା ଓ ଶାନ୍ତିର ଫୁଲ ଫୁଟିବ ଓ ପ୍ରେମରେ ମଣିଷ ବାନ୍ଧି ହୋଇଯିବ ।